# Akashvani, Sambalpur

## SAMBALPURI NEWS BULLETIN

### 16 March 2025- 6.47- 6.52 am.

*********************************************

ଫିଟ୍ ଇଣ୍ଡିଆ କାର୍ନିଭାଲ          ଏନ୍ଏସ୍ଡି

କେନ୍ଦ୍ର ଯୁବ ବ୍ୟାପାର୍ ଆଉ କ୍ରୀଡ଼ା ମନ୍ତ୍ରୀ ଡକ୍ଟର୍ ମନ୍ସୁଖ ମାଣ୍ଡଭିୟ ଆଏଜ୍ ନୂଆଦିଲ୍ଲୀ ଠାନେ ଫିଟ୍ ଇଣ୍ଡିଆ କାର୍ନିଭାଲ୍‌ର ଶୁଭାରମ୍ଭ କର୍‌ବେ । ୩ ଦିନ୍ ଧରିକରି ହେବାର୍‌କେ ଥିବା ଇ ଅଭିଯାନ୍‌ଥି ସୁସ୍ଥ ଜୀବନ୍ ଶୈଲୀ ଆର୍ ମେଦବହୁଳତାର୍ ନିୟନ୍ତ୍ରଣ୍ ବାବ୍‌ଦେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ କରାହେବା । ଇ ଅବ୍‌ସରେ ପ୍ରତିଯୋଗିତାମାନ୍ ଭିଲ୍ ଆୟୋଜନ୍ କରାହେବା ବଲି ଜନାପଡ଼ିଛେ । କାର୍ଯ୍ୟକ୍ରମ୍ ଅବ୍‌ସରେ ଆଏଜ୍ 'ଖେଲୋ ଇଣ୍ଡିଆ ପାରା ଗେମ୍ସ'ର ପ୍ରତୀକ ଆର୍ ସଂଗୀତ୍ ଉନ୍ମୋଚନ୍ କରାଯିବା । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ୨୦ ତାରିଖ୍‌ନୁ ନୂଆଦିଲ୍ଲୀ ଠାନେ ଖେଲୋ ଇଣ୍ଡିଆ ପାରା ଗେମ୍ସ ମୁଲ୍ ହେବା ।

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ନୁ ୨ ଦିନିଆ ନୂଆଦିଲ୍ଲୀ ଗସ୍ତଥି ଯାଇଛନ୍ । ଗସ୍ତ ସମିଆଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭିନ୍ ଭିନ୍ କେନ୍ଦ୍ରୀୟ ନେତା ଆଉ ମନ୍ତ୍ରୀମାନ୍କୁ ଭେଟ୍ବାର୍ କାର୍ଯ୍ୟସୂଚୀ ରହିଛେ । ସେଆଡ଼େ ରାଜ୍ୟର୍ ନିଗମ୍ ମାନ୍କେ ନିଯୁକ୍ତି ବାବ୍ଦେ ଭିଲ୍ ଆଲୋଚନା ହେବା ବଲି ଜନାପଡ଼ିଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ୟୁନିଟ୍ ୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ନ ଆଏବା କାଏଲ୍ ଶୁଣାଣି ବନ୍ଦ ରହେବା । ବିଧାନ୍ସଭା ବଜେଟ୍ ଅଧିବେଶନ୍ ଚାଲିଥିବାର୍ନୁ ଶୁଣାଣି ବନ୍ଦ୍ ରହେବା ଆଉ ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତରଫୁ ସୂଚ୍ନା ଦିଆଯାଇଛେ ।

ମନ୍ କି ବାତ୍          ଆର୍ଏନ୍ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ସାଧାରଣ୍ ଲୁକ୍‌କର୍ ମତାମତ୍ ମଗାହେଇଛେ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ନିଜର୍ ମତାମତ୍ ଆଏବା ୨୫ ତାରିଖ୍ ଭିତ୍‌ରେ ଦେଇପାର୍‌ବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ

ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ପଦ୍ମ ପୁରସ୍କାର       ଏନ୍‌ଏସ୍‌ଡି

ଦେଶର୍ ସର୍ବୋଚ୍ଚ ବେସାମରିକ୍ ସମ୍ମାନ୍ ପଦ୍ମ ପୁରସ୍କାର୍ - ୨୦୨୬ ଲାଗି ମନୋନୟନ୍ ମୁଲ୍ କରାଯାଇଛେ । ରାଷ୍ଟ୍ରୀୟ ପୁରସ୍କାର୍ ପୋର୍ଟାଲ୍‌ଥି ଅନ୍‌ଲାଇନ୍ ଜରିଏ ମନୋନୟନ୍ ଆର୍ ଅନୁମୋଦନ୍ ଗ୍ରହଣ୍ କରାଯିବା । ଇଥିର୍‌ଲାଗି ଆଏବା ଜୁଲାଇ ମାସର୍ ୩୧ ତାରିଖ୍‌କେ ଶେଷ୍ ତାରିଖ୍ ରଖାଯାଇଛେ ।
କଳା, ସାହିତ୍ୟ ଆଉ ଶିକ୍ଷା, କ୍ରୀଡ଼ା, ମେଡ଼ିସିନ୍, ସମାଜ୍‌ସେବା, ବିଜ୍ଞାନ୍ ଆଉ ଇଞ୍ଜିନିୟରିଂ, ସାଧାରଣ୍ ବ୍ୟାପାର୍, ସିଭିଲ୍ ସର୍ଭିସ୍, ବାଣିଜ୍ୟ ଆଉ ଶିଳ୍ପ କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ଇ ପୁରସ୍କାର୍ ଦିଆଯାଏସି ।

ଆଂଚଲିକ୍ କୃଷିଯନ୍ତ୍ରପାତି ମେଳା     ଆର୍‌ଏନ୍‌ୟୁ/ ସମ୍ବଲପୁର

ବଲାଙ୍ଗିର୍ କୋଶଲ୍ କଲାମଣ୍ଡଲ୍ ପଡ଼ିଆଠାନେ ଆଂଚଲିକ୍ କୃଷିଯନ୍ତ୍ରପାତି ମେଲା ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ୫ ଦିନ୍ ଧରିକରି ଚାଲ୍‌ବାର୍‌କେ ଥିବା ଇ ମେଲାକେ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଉଦ୍‌ଘାଟନ୍ କରିଛନ୍ । ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଶ୍ରୀ ସିଂହଦେଓ କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଦ୍ୱାରା କରାଯାଉଥିବା ଯୋଜ୍‌ନା ମାନ୍‌କର୍ ଲାଭ୍ ଉଠେଇକରି ଚାଷ୍ କ୍ଷେତ୍ରଥି ନିଜ୍‌କେ ସ୍ୱାବଲମ୍ବୀ କର୍‌ବାର୍ ଲାଗି ପରାମର୍ଶ ଦେଇଥିଲେ ।

(ଭଏସ୍ ଓଭର୍-କନକ୍ ବର୍ଦ୍ଧନ୍ ସିଂହଦେଓ)

କୃଷକ୍ ପରିଚୟ ପତ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କୃଷି ବିଭାଗ୍ ତର୍‌ଫୁ ୨୦୨୫ ମସିହା ଜାନୁଆରୀ ୩୧ ତାରିଖ୍‌ତକ୍ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର୍ ଜରିଏ ମୋଟ୍ ୯ ଲାଖ୍ ୮୫ ହଜାର୍ ୫ ଶହ ୨୮ ଝନ୍‌କୁ କୃଷକ୍ ପରିଚୟ ପତ୍ର ଦିଆଯାଇପାରିଛେ ବଲି ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ । ୨୦୨୦ ମସିହା ଜାନୁଆରୀ ପହେଲାନୁ ୨୦୨୫ ଜାନୁଆରୀ ୩୧

ତକ୍ ୩୦ ଟା ଜିଲ୍ଲା ନ କୃଷକ୍ ପରିଚୟ ପତ୍ର ତିଆର୍ କରାଯାଇଛେ ବଲି ସର୍କାରୀ ସୂତ୍ରନୁ ଜନାପଡ଼ିଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ବଢୁଥିବା ତାପମାତ୍ରାକେ ନଜର୍ଥି ରଖିକରି ସତର୍କତାମୂଲକ୍ ପଦକ୍ଷେପ୍ ନେବାର୍ ଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନର୍ -ଜିଲ୍ଲାପାଲ୍ ମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା ଝାର୍ସୁଗୁଡ଼ା, ସମ୍ବଲ୍ପୁର୍, କଲାହାଣ୍ଡି ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ଖରାକେ ନେଇକରି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛେ ।

ଗଲାକାଏଲ୍ ବୌଦ୍ଧ ନ ରାଜ୍ୟର୍ ସବୁନୁ ଜହ ତାତି ୪୨ ଦଶ୍ମିକ୍ ୫ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଛେ ।